**DAV PUBLIC SCHOOLS, ODISHA** **SET–2**

**PRE–BOARD EXAMINATION**
**(2023-24)**

- Please check that this question paper contains 4 printed pages.
- Check that this question paper contains 14 questions.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

**CLASS –X**
**SUB: ODIA (013)**

**Time Allowed: 3 Hours** **Maximum Marks: 80**

## SECTION - A

**1. ନିମ୍ନ ଅନୁଚ୍ଛେଦଟି ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** (5x2=10)

ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ପରର ନିନ୍ଦାଗାନ କରିବାକୁ ଭଲପାଆନ୍ତି। ପରର କୁତ୍ସାରଟନା କରିବାକୁ ସେମାନେ ତିଳେ ହେଲେ ସଙ୍କୋଚ ପ୍ରକାଶ କରନ୍ତି ନାହିଁ। ବୁଲି ବୁଲି କେବଳ ନିନ୍ଦାଗାନ କରିବା ସେମାନଙ୍କର ଧର୍ମ। ଯାହାର ନିନ୍ଦା କରାଯାଏ, ସ୍ଥଳ ବିଶେଷରେ ତା'ର କିଛି କ୍ଷତି ହୁଏ ସତ୍ୟ, କିନ୍ତୁ ତା' ଠାରୁ ବେଶୀ କ୍ଷତି ହୁଏ ନିନ୍ଦୁକର। କାରଣ ଏ ଧରଣର ବ୍ୟକ୍ତି ଆପଣା ଦୋଷ ଦେଖିବା ବା ବିଚାର ବୁଦ୍ଧିର ଉପଯୁକ୍ତ ପ୍ରୟୋଗ କ୍ଷମତା ହରାଇଥାନ୍ତି। ପରର ନିନ୍ଦା ଗାନ କରିବା, ଦୋଷ ଦେଖିବା ଯେତେବେଳେ ମଣିଷର ଅଭ୍ୟାସ ପାଲଟିଯାଏ, ସେତେବେଳେ ସେ ନିଜର ଦୋଷତ୍ରୁଟି ବାଛିବା କ୍ଷମତା ହରାଇ ବସେ। ନିନ୍ଦା କରିବା କିଛି ବ୍ୟକ୍ତିଙ୍କ ଅଭ୍ୟାସ ବା ପ୍ରକୃତି, ସେଇଥିରେ ସେମାନଙ୍କ ଆନନ୍ଦ। ସହକର୍ମୀ, ପ୍ରତିବେଶୀ, କିମ୍ବା କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀଙ୍କ ବିରୋଧରେ କେହି ଅନ୍ତଃଦୃଷ୍ଟି ବିହୀନ ବ୍ୟକ୍ତି ଏପରି ନିନ୍ଦା ପ୍ରଚାର କରନ୍ତି, ଯାହା ଶୁଣିଲେ ବିସ୍ମିତ ହେବାକୁ ପଡ଼ିଥାଏ। ଏହାଦ୍ୱାରା ସେ ସମ୍ପର୍କ ଯେ ବ୍ୟାହାତ ହୁଏ, ବୃଥା ଅଶାନ୍ତି ଓ ମନୋମାଳିନ୍ୟ ହୁଏ, ଥରେ ହେଲେ ସ୍ଥିର ଚିତ୍ତରେ କେହି ଏହା ଭାବନ୍ତି ନାହିଁ। ଦୋଷତ୍ରୁଟିକୁ ପ୍ରକାଶ୍ୟରେ ନିନ୍ଦା ନ କରି ଯଦି ଗଠନ ମୂଳକ ମତାମତ ଦିଆଯାଏ ତାହା ସବୁ କ୍ଷେତ୍ରରେ ଫଳପ୍ରଦ ହୋଇଥାଏ। ଜଡ଼ବାଦୀ ସଭ୍ୟତାର ପ୍ରସାର ଫଳରେ ମଣିଷ କ୍ରମଶଃ ଅଧିକରୁ ଅଧିକ ଅସହିଷ୍ଣୁ ହୋଇପଡୁଛି। ଅସହିଷ୍ଣୁ ମନୋଭାବ ତାକୁ ଏପରି ଗ୍ରାସ କରିଛି ଯେ ଅନ୍ୟର ପ୍ରଶଂସା ଓ ଖ୍ୟାତି ଶୁଣିଲେ ତା' ର ଗାତ୍ରଦାହ ହେଉଛି।

(i) କେଉଁମାନେ ଅନ୍ୟର କୁତ୍ସାରଟନା କରିବାକୁ ଭଲପାଆନ୍ତି ?
(ii) ମଣିଷ କେତେବେଳେ ଦୋଷ ତ୍ରୁଟି ବାଛିବା କ୍ଷମତା ହରାଏ ?
(iii) ଅଶାନ୍ତି ଓ ମନୋମାଳିନ୍ୟ ସୃଷ୍ଟି ହେବାର କାରଣ କ'ଣ ?
(iv) କେଉଁ ମତାମତ ପ୍ରତ୍ୟେକ କ୍ଷେତ୍ରରେ ଫଳପ୍ରଦ ହୋଇଥାଏ ?
(v) ଜଡବାଦୀ ସଭ୍ୟତାର ପ୍ରସାର ଫଳରେ ମଣିଷ କ'ଣ ହୋଇପଡିଛି ?

## SECTION - B

**2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।**

(i) ନାରୀ ସଶକ୍ତିକରଣ
(ii) ବିଜ୍ଞାନର ଜୟଯାତ୍ରା
(iii) ନାଗରିକର କର୍ତ୍ତବ୍ୟ

3. ‘ଧନ୍ଦାମୂଳକ ଶିକ୍ଷା’ ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦ ପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ । (6)

କିମ୍ବା

ତୁମ ଅଞ୍ଚଳର କୌଣସି ଏକ ଦୁର୍ଘଟନାର ବିବରଣୀ ଲେଖ, ତାହାକୁ ପ୍ରକାଶନ ନିମନ୍ତେ ସ୍ଥାନୀୟ ସମ୍ବାଦ ପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ ।

(ବି. ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ ‘କ’ ବା ‘ଖ’ ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ । )

## SECTION – C

**4. ଲକ୍ଷଣ,ଉଦାହରଣ ଓ ଯତିପାତ ସହଯେ କୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** (4)

(i) ରାମକେରୀ

(ii) ନଟବାଣୀ

**5. ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର । (ଯେ କୌଣସି 2ଟିର)** (2x1=2)

(i) ଯେଉଁ ଯୁଧିଷ୍ଠିର ସତ୍ୟସନ୍ଧ ଥିଲେ, ସେ ପାଣ୍ଡବଙ୍କ ମଧ୍ୟରେ ଜ୍ୟେଷ୍ଠ ଥିଲେ । (ସରଳ ବାକ୍ୟ କର)

(ii) ମୁଁ ବଙ୍ଗଳା ବୁଝିଲେ ମଧ୍ୟ କହିପାରେ ନାହିଁ । (ଯୌଗିକ ବାକ୍ୟ କର)

(iii) ସନ୍ମିତ୍ର ହିଁ ଦରକାର ସମୟରେ ସାହାଯ୍ୟ କରିଥାଏ । (ଜଟିଳ ବାକ୍ୟ କର)

**6. ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (ଯେ କୌଣସି 2 ଟିର)** (2x1=2)

(i) ଉଷୁନାଧାନ ଗଜାହେବା

(ii) ଖିଅ କାଢ଼ିବା

(iii) ଗୋବର ଗଣେଶ

**7. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେ କୌଣସି 2ଟିର)** (2x1=2)

(i) ଅସ୍ତାୟମାନ

(ii) ରବିନ୍ଦ୍ର

(iii) ଆଶ୍ରୀବାଦ

## SECTION – D

**8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି 1ଟିର)** (5)

(i) ଏହା ମଧ୍ୟ ତାଙ୍କ କୃତକର୍ମର ପରିଣାମ ।

(ii) ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

**9. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3ଟିର)** (3x2=6)

(i) ଶେଷରେ ବିବେକାନନ୍ଦ କ’ଣ କରିବାକୁ ସ୍ଥିର କଲେ ?

(ii) ଜୀବବିଜ୍ଞାନ ଚର୍ଚ୍ଚାରୁ କି ସନ୍ଧାନ ମିଳିଥାଏ ?

(iii) କୃଷି ବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା ?

(iv) ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୋଇଥାଏ ?

(v) ସ୍ୱାମୀ ରାମାକୃଷ୍ଣାନନ୍ଦ ମଠ ଛାଡ଼ି ବାହାରକୁ ଯାଇନଥିଲେ କାହିଁକି ?

**10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** (10x1=10)

(i) ଲକ୍ଷ୍ମୀକାନ୍ତଙ୍କ ଅସମ୍ପୂର୍ଣ୍ଣ ଉପନ୍ୟାସର ନାମ କ’ଣ ?

(A) ବୈତରଣୀ (B) ହାସ୍ୟରସ

(C) ମହାପ୍ରୟାଣ (D) କଣାମାମୁ

(ii) କବି ସଚ୍ଚିଦାନନ୍ଦଙ୍କ ରଚିତ ଆତ୍ମଚରିତର ନାମ କ'ଣ ?

(A) ଉତ୍ତରକକ୍ଷ (B) ପାଣ୍ଡୁଲିପି

(C) ଚିତ୍ରଗ୍ରୀବ (D) ଅଭିଯାନ

(iii) ବିବେକାନନ୍ଦ କିପରି ଭାବେ ଦେଶସାରା ବୁଲିଲେ ?

(A) ଘୋଡ଼ାଗାଡ଼ିରେ (B) ଉଡ଼ାଜାହାଜରେ

(C) ପାଦରେ ଚାଲିଚାଲି (D) ରେଳଗାଡ଼ିରେ

(iv) ବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବା ପାଇଁ କିଏ ଡାକରା ଦେଇଥିଲେ ?

(A) ସୁଭାଷ ଚନ୍ଦ୍ର (B) ଗାନ୍ଧିଜୀ

(C) ଜୟୀ ରାଜଗୁରୁ (D) ବକ୍ସି ଜଗବନ୍ଧୁ

(v) ଗ୍ରହ, ତାରା ଓ ଉପଗ୍ରହଙ୍କ ବିଷୟରେ ଅଧ୍ୟୟନ କେଉଁ ବିଜ୍ଞାନର ଅନ୍ତର୍ଗତ ?

(A) ରସାୟନ ବିଜ୍ଞାନ (B) ଉଦ୍ଭିଦ ବିଜ୍ଞାନ

(C) ଜଡ଼ବିଜ୍ଞାନ (D) ପଦାର୍ଥ ବିଜ୍ଞାନ

(vi) ସମୟ ସ୍ରୋତରେ ଲେଖକ କିପରି ଭାସି ଚାଲିଛନ୍ତି ?

(A) ଶୁଷ୍କ ପୁଷ୍ପ (B) ଶୁଷ୍କ ଫଳ

(C) ଶୁଷ୍କ ତୃଣ (D) ଶୁଷ୍କ ପତ୍ର

(vii) ଠାକୁରଙ୍କ ପବିତ୍ର ଦେହାବଶେଷ ନେଇ ନରେନ୍ ସଦଳବଳେ କେଉଁଠାକୁ ଆସିଲେ ?

(A) ଗାଜୀପୁର (B) ବରାହନଗର

(C) ହାରଦ୍ୱାର (D) ଆଲାହାବାଦ

(viii) ହିନ୍ଦୁମାନେ କେଉଁ ପ୍ରଣାଳୀ ଦ୍ୱାରା ଲକ୍ଷ୍ୟସ୍ଥଳରେ ପହଞ୍ଚିଛନ୍ତି ବୋଲି କହନ୍ତି ?

(A) ଦର୍ଶନ ଶାସ୍ତ୍ର (B) ଆଇନ ଶାସ୍ତ୍ର

(C) ଚିକିତ୍ସା ଶାସ୍ତ୍ର (D) ଗଣିତ ଶାସ୍ତ୍ର

(ix) ଗଣତନ୍ତ୍ରର ମୂଳମନ୍ତ୍ର କ'ଣ ?

(A) ଭାଷା (B) ଶିକ୍ଷା

(B) ଶାସନ (D) ଧର୍ମ

(x) ଶ୍ରୀକୃଷ୍ଣଙ୍କ ମଦ୍ୟପ ବଂଶଗୋଷ୍ଠୀ କେଉଁ ଠାରେ ପରସ୍ପରକୁ ହାଣି ଧ୍ୱଂସ ହୋଇଗଲେ ?

(A) ପ୍ରଭାସ ତୀର୍ଥ (B) ପୁଷ୍କର ତୀର୍ଥ

(C) ଚକ୍ର ତୀର୍ଥ (D) ରକ୍ତ ତୀର୍ଥ

**11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି 1ଟିର)** (5)

(i) ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନ
ହ୍ରଦ ନୀଳ-ବକ୍ଷେ କରେ ଅଧିଷ୍ଠାନ ।

(ii) ଭିନ୍ନ କରି ସେ ତନ୍ଦ୍ରା ପରଶ
ହସାଅ ଭୁବନ ସାରା ।

**12. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3ଟିର)** (3x2=6)

(i) କେଉଁମାନଙ୍କ କୁଟୀର ଦ୍ୱାରା ଉତ୍କଳ ପବିତ୍ର ହୋଇଛି ?

(ii) ଲକ୍ଷ୍ମୀ କାହିଁକି ଦୁର୍ଯ୍ୟୋଧନଙ୍କୁ ଛାଡ଼ି ପଳାଇଲେ ?

(iii) ଅଙ୍ଗଦଙ୍କ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କଲେ ?

(iv) ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି ?

(v) କେଉଁଠାରୁ ଆମେ ଶକ୍ତି ଓ ତୃପ୍ତି ପାଉ ବୋଲି କବି କହିଛନ୍ତି ?

13. **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** (10x1=10)

(i) ଉତ୍କଳ ଜନନୀଙ୍କ ଶରୀରକୁ କିଏ ଧୋଇ ଦେଉଛି ?
(A) ପବିତ୍ର ସାଗର (B) ପୁଣ୍ୟତୋୟା ନଦୀ
(C) ପବିତ୍ର ତୀର୍ଥଜଳ (D) ସୁନ୍ଦର ଜଳପ୍ରପାତ

(ii) କାହାର ପ୍ରତି ପଦପାତରେ ସ୍ୱର୍ଣ୍ଣପଦ୍ମ ଫୁଟୁଥିଲା ବୋଲି ସାରଳା ମହାଭାରତରେ ବର୍ଣ୍ଣିତ ହୋଇଛି ?
(A) ଦୁର୍ଯ୍ୟୋଧନ (B) ଶ୍ରୀକୃଷ୍ଣ
(C) ମହାଲକ୍ଷ୍ମୀ (D) ପାର୍ବତୀ

(iii) ପିତୃବ୍ୟ – କାହାକୁ ବୁଝାଏ ?
(A) ବାପାଙ୍କ ସାନଭାଇ (B) ବାପାଙ୍କ ବଡ଼ଭାଇ
(C) ମାଆଙ୍କ ସାନଭାଇ (D) ମାଆଙ୍କ ବଡ଼ଭାଇ

(iv) ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?
(A) ଗମ୍ଭୀର (B) ନିଶ୍ଚଳ
(C) କୋଳାହଳ ପୂର୍ଣ୍ଣ (D) ନିସ୍ତବ୍ଧ

(v) ନିମ୍ନଲିଖିତ ପଦଗୁଡ଼ିକ ମଧ୍ୟରୁ କେଉଁଟି ରୂପକ କର୍ମଧାରୟ ସମାସ ନୁହେଁ ?
(A) କରପଲ୍ଲବ (B) ନୀହାରମୁକ୍ତା
(C) ବୀଣାଝଙ୍କାର (D) ତରଙ୍ଗକର

(vi) ମରୁ ପଥରେ କ'ଣ ସୃଷ୍ଟି କରିବା ପାଇଁ କବି କହିଛନ୍ତି ?
(A) ପୁଷ୍କରିଣୀ (B) ଜଙ୍ଗଲ
(C) ପାହାଡ଼ (D) ଝରଣା

(vii) ଆମ ମନସୁଖ ଲାଗି ହସକଥା କେଉଁଠାରେ ଭରି ରହିଛି ?
(A) ନଈ ସମୁଦ୍ରରେ (B) କଥା କାହାଣୀରେ
(C) ସବୁଜ ଘାସରେ (D) ଧୀର ପବନରେ

(viii) ବ୍ୟାସ ସରୋବରକୁ କ'ଣ କୁହାଯାଏ ?
(A) ପୁରୁଷୋତ୍ତମ କ୍ଷେତ୍ର (B) ଓଡ଼ପା ମହାତୀର୍ଥ
(C) ପୁଣ୍ୟତୋୟା ନଦୀ (D) ପତିତପାବନ ତୀର୍ଥ

(ix) ଶୁକ ଓ ସାରଣ କେଉଁ ପକ୍ଷୀର ରୂପ ଧାରଣ କରିଥିଲେ ?
(A) ମୟୂର (B) ଶୁଆ
(C) ବତକ (D) ଚିଲ

(x) ଉଷାକୁ ପ୍ରଶଂସା କରି ସତୀ ସୀତା କେଉଁ ବାକ୍ୟଟି କହିଛନ୍ତି ?
(A) ତୁମେ ତିମିର ବିଧ୍ୱଂସୀ (B) ତୁମେ ପ୍ରଶାନ୍ତ ରୂପ
(C) ତୁମେ ଜାନକୀ-ଦର୍ଶନ ତୃଷାର୍ତ୍ତ (D) ତୁମେ ବିକଚ-ରାଜୀବ ଦୃଶା

14. **ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୬ଟିର)** (6x1=6)

(i) ଧଉଳି ପାହାଡ଼ ପାଦ ଦେଶରେ କେଉଁ ନଦୀ ବହି ଯାଉଛି ?
(ii) ବେଲବଣ ମଝିରେ କେଉଁ ମନ୍ଦିର ରହିଛି ?
(iii) 'କାଠ' ଗଳ୍ପର ଲେଖକ ନିଜକୁ କେଉଁ ରାଜ୍ୟର ଲୋକ ବୋଲି କହିଛନ୍ତି ?
(iv) 'ସୂର୍ଯ୍ୟଦେବ ସ୍ୱୟଂ ନାରାୟଣ ' – ଏକଥା କିଏ କହିଛନ୍ତି ?
(v) 'ବେବିଙ୍କୁ ଆଣିଲେ, ତାଙ୍କୁ ନେଇ ଆସିପାରିଥାନ୍ତେ' – ଏଠାରେ 'ତାଙ୍କୁ' କାହାକୁ କୁହାଯାଇଛି ?
(vi) ରାଜନୀତିର ବ୍ରହ୍ମାସ୍ତ୍ର କ'ଣ ?
(vii) ହର ଗୁଡ଼ିଆ କେଉଁ ଗଛ ତଳେ ଦୋକାନ କରିଥିଲା ?
(viii) କେଉଁ ଗଣ୍ଡ ଉପରେ ମନ୍ଦିର ତୋଳା ହେବାକୁ ସ୍ଥିର ହେଲା ?

****